# NATIONAL NEWS BULLETIN (ODIA)
## 24 June 2026
## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

– ବିଶ୍ୱ ସୁରକ୍ଷା ଆହ୍ୱାନଗୁଡ଼ିକୁ ପ୍ରତିହତ କରିବା ଲକ୍ଷ୍ୟରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ କଲେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୋଷ୍ଠୀ ।

- ଦୁର୍ବଳ ମୌସୁମୀ ଜନିତ ପରିସ୍ଥିତିର ମୁକାବିଲା ପାଇଁ ଚାଷୀଙ୍କୁ ସହଯୋଗ ପ୍ରଦାନ ଲକ୍ଷ୍ୟରେ ସରକାର ଗ୍ରହଣ କରୁଛନ୍ତି ଆଗୁଆ ପଦକ୍ଷେପ ।

- ହର୍ମୁଜ୍ ପ୍ରଣାଳୀରେ ଅଟକି ରହିଥିବା ୧୧ ହଜାରରୁ ଅଧିକ ନାବିକଙ୍କ ପ୍ରତ୍ୟାବର୍ତ୍ତନ ନେଇ ଆନ୍ତର୍ଜାତିକ ସାମୁଦ୍ରିକ ସଂଗଠନର ଘୋଷଣା ।

ଏବଂ

- ଏଫ୍.ଆଇ.ଏଚ୍. ପୁରୁଷ ବର୍ଗ ହକି ପ୍ରତିଯୋଗିତାରେ ଭାରତ' ପାକିସ୍ତାନ ବିପକ୍ଷରେ ୪-୩ ଗୋଲ୍‌ରେ ବିଜୟୀ ।

# ପିଏମ୍-ବ୍ରିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆତଙ୍କବାଦ, ସାଇବର ସୁରକ୍ଷାଠାରୁ ଆରମ୍ଭ କରି ଆଧୁନିକ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସୃଷ୍ଟ ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ବ୍ରିକ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଗତ ସନ୍ଧ୍ୟାରେ ବ୍ରାଜିଲ୍, ରୁଷ, ଚୀନ୍, ଭାରତ ଏବଂ ଦକ୍ଷିଣ ଆଫ୍ରିକା ସମେତ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା ଓ ଉଚ୍ଚପଦସ୍ଥ ସୁରକ୍ଷା ଅଧିକାରୀଙ୍କ ସହ ସାକ୍ଷାତ ଆଲୋଚନା ବେଳେ ଶ୍ରୀ ମୋଦୀ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରିକ୍ସ ବୈଠକ ପାରସ୍ପରିକ ସହଯୋଗକୁ ଗତିଶୀଳ କରିବା, ଦକ୍ଷିଣ ବିଶ୍ୱକୁ ପ୍ରାଥମିକତା ପ୍ରଦାନ କରିବା ଏବଂ ଏକ ସୁରକ୍ଷିତ ତଥା ସମାବେଶୀ ବିଶ୍ୱ ଗଠନ ନିର୍ମାଣରେ ଉପଯୋଗୀ ସାବ୍ୟସ୍ତ ହେବ ।

ଆତଙ୍କବାଦ, ସାଇବର ବିପଦ ସମେତ ବ୍ୟାପକ ବିଶ୍ୱ ସୁରକ୍ଷା ଆହ୍ୱାନଗୁଡ଼ିକୁ ପ୍ରତିହତ କରିବା ପାଇଁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଭାରତର ଜାତୀୟ ସୁରକ୍ଷା

ପରାମର୍ଶଦାତା ଅଜିତ ଡୋଭାଲଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ଅନୁଷ୍ଠିତ ଷୋଡ଼ଶ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତା ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ସୀମା ଆରପଟୁ ସୃଷ୍ଟ ସୁରକ୍ଷା ବିପଦ ଉପରେ ଆଲୋଚନା ବେଳେ ପ୍ରାଥମିକତା ପ୍ରଦାନ କରାଯାଇଛି । ଶକ୍ତି ଏବଂ ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି  ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଦ୍ଵାରା ଆଧୁନିକ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ମତବିନିମୟ ହୋଇଛି ।

ଗତ ମାସ ୨୧ ଏବଂ ୨୨ ତାରିଖରେ ଅନୁଷ୍ଠିତ ଆତଙ୍କବାଦ ବିରୋଧି ବ୍ରିକ୍ସ ମିଳିତ କାର୍ଯ୍ୟ ଗୋଷ୍ଠୀ ବୈଠକ ଏବଂ ୮ ଓ ୯ ତାରିଖରେ ଅନୁଷ୍ଠିତ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସୁରକ୍ଷା ଉପରେ ହୋଇଥିବା ବୈଠକର ଫଳାଫଳ ଉପରେ ଆଲୋଚନା ହୋଇଥିବା ମନ୍ତ୍ରଣାଳୟ କହିଛି । ଭାରତ ଅଧ୍ୟକ୍ଷତାରେ ଚଳିତ ବର୍ଷର ନବସୃଜନ, ସହଯୋଗ, ନିରନ୍ତରତା ଏବଂ ସ୍ଥିରତା ପାଇଁ ନିର୍ମାଣ ପ୍ରସଙ୍ଗ ଆଧାରିତ ବ୍ରିକ୍ସ ବୈଠକକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛନ୍ତି । ବୈଠକ ଶେଷ ହେବା ପରେ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି ।

# ଶିବରାଜ-ମନସୁନ୍

ଏଲ୍‌ନିନୋ ପ୍ରଭାବରେ ସୃଷ୍ଟ ଦୁର୍ବଳ ମୌସୁମୀ ଜନିତ ପରିସ୍ଥିତିର ମୁକାବିଲା ପାଇଁ ଚାଷୀଙ୍କୁ ସହଯୋଗ ପ୍ରଦାନ କରିବା ଲକ୍ଷ୍ୟରେ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଚୌହାନ କହିଛନ୍ତି, ଦେଶରେ ଏ ପର୍ଯ୍ୟନ୍ତ ପ୍ରାୟ ୪୩ ପ୍ରତିଶତ କମ୍ ବର୍ଷା ହୋଇଛି । ଜୁଲାଇରେ ମଧ୍ୟ ମୌସୁମୀ ଦୁର୍ବଳ ରହିବ ବୋଲି ଆଶା କରାଯାଉଛି ।

ପ୍ରାୟ ୩୧୫ଟି ଜିଲ୍ଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ । ସେଥିମଧ୍ୟରେ ୧୧୧ଟି ଜିଲ୍ଲା ସୀମିତ ଜଳସେଚନ ବ୍ୟବସ୍ଥା ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ଶ୍ରୀ ଚୌହାନ କହିଛନ୍ତି । ଡାଲି, ତୈଳବୀଜ ଏବଂ ମିଲେଟ୍ସ ଫସଲକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି । ସ୍ୱଳ୍ପ ପାଣି ଏବଂ ଆହ୍ୱାନ ଜନିତ ପରିସ୍ଥିତିରେ ଏହି ଖାଦ୍ୟଶସ୍ୟଗୁଡ଼ିକର ଭଲ ଅମଳ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି । ରାଜ୍ୟଗୁଡ଼ିକ ସହ ସମନ୍ୱୟ ମାଧ୍ୟମରେ କୃଷି ବୈଜ୍ଞାନିକଙ୍କ ପରାମର୍ଶ, ସମୟୋଚିତ ଫସଲ ଯୋଜନା ଏବଂ ଜିଲ୍ଲାସ୍ତରୀୟ ପ୍ରସ୍ତୁତିକୁ ସଶକ୍ତ କରାଯାଉଛି ବୋଲି ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ।

କୃଷିଜୀବୀଙ୍କୁ ସହଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ୟୁନିଟ୍ ତଥା ଅନ୍ୟାନ୍ୟ ପରାମର୍ଶ ପ୍ରଦାନକାରୀ ମାଧ୍ୟମଗୁଡ଼ିକ ଦ୍ୱାରା ସାମାଜିକ ଗଣମାଧ୍ୟମ, ରେଡ଼ିଓ ଓ ଟେଲିଭିଜନ ତଥା

ଅନ୍ୟାନ୍ୟ ବ୍ୟବସ୍ଥା ମାଧ୍ୟମରେ ସୂଚନା ପ୍ରଦାନର କରାଯାଉଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

# ପିଏମ୍-କାତାର ଅମିର୍

କାତାର୍‌ର ରାସ୍ ଲାଫାନ୍ ଶିଳ୍ପ ନଗରୀରେ ବିସ୍ଫୋରଣରେ ଭାରତୀୟ ନାଗରୀକଙ୍କ ମୃତ୍ୟୁ ପାଇଁ କାତାର୍‌ର ଅମୀର ଶେଖ୍ ସାମିମ୍ ବିନ୍ ହାମଦ୍ ଅଲ୍-ଥାନି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଗତକାଲି ଶ୍ରୀ ଅଲ୍-ଥାନି ଟେଲିଫୋନ୍ ମାଧ୍ୟମରେ କଥାବାର୍ତ୍ତା କରିଛନ୍ତି । ମୃତକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିବା ସହ ସେ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି । ଆହତଙ୍କୁ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ କରିଥିବାରୁ ଶ୍ରୀ ମୋଦୀ କାତାର୍ ନେତୃମଣ୍ଡଳୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନାଗରୀକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ଉଭୟ ନେତା ସମ୍ମିଳିତ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଛନ୍ତି । ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଶାନ୍ତି ପ୍ରୟାସରେ କାତାର୍ ଗ୍ରହଣ କରିଥିବା ଗଠନ ମୂଳକ ଭୂମିକାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ବିସ୍ଫୋରଣରେ ୧୨ ଜଣ ଭାରତୀୟ ନାଗରୀକଙ୍କର ମୃତ୍ୟୁ ହୋଇଥିବା କାତାର କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ।

## ଆଇଏମ୍‌ଓ-ଇଭାକୁଏସନ୍ ପ୍ଲାନ୍-ହର୍ମୁଜ୍

ହର୍ମୁଜ୍ ପ୍ରଣାଳୀରେ ଅଟକି ରହିଥିବା ୧୧ ହଜାରରୁ ଅଧିକ ନାବିକଙ୍କୁ ସୁରକ୍ଷିତ ସ୍ୱଦେଶୀ ପ୍ରତ୍ୟାବର୍ତ୍ତନ ନେଇ ଆନ୍ତର୍ଜାତିକ ସାମୁଦ୍ରିକ ସଂଗଠନ ଏକ ଯୋଜନା ଘୋଷଣା କରିଛି । ସଂଗଠନର ମହାସଚିବ ଆର୍‌ସେନିଓ ଡୋମିଙ୍ଗୁଏଜ୍ କହିଛନ୍ତି, ଏହି ନାବିକଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କର ପ୍ରତ୍ୟାବର୍ତ୍ତନ ନେଇ ସହଯୋଗ ପ୍ରଦାନ ସଂକ୍ରାନ୍ତ ନୌଚାଳନା ସର୍ତ୍ତାବଳୀଗୁଡ଼ିକୁ ଯାଞ୍ଚ୍ କରାଯାଇଛି । ଇରାନ୍ ଏବଂ ଆମେରିକା ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ଆଧାରରେ ଓମାନ, ଇରାନ୍ ଏବଂ ଏହି କ୍ଷେତ୍ରର ଅନ୍ୟ ଦେଶ ଓ ସାମୁଦ୍ରିକ ଶିଳ୍ପ ସଂସ୍ଥା ସହ ସହଯୋଗ ମାଧ୍ୟମରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଂଗଠନର ମହାସଚିବ କହିଛନ୍ତି । ଜେନେଭାଠାରେ ଇରାନ୍‌ର ରାଷ୍ଟ୍ରଦୂତ ତଥା ଜାତିସଂଘର ସ୍ଥାୟୀ ପ୍ରତିନିଧି ଅଲ୍ଲି ବାହାରେନି କହିଛନ୍ତି, ହର୍ମୁଜ୍ ପ୍ରଣାଳୀରେ ବାଣିଜ୍ୟିକ ଜାହାଜଗୁଡ଼ିକ ସମ୍ପୂର୍ଣ୍ଣ ନିଶୁଳ୍କ ଜାତାୟତ ପାଇଁ ଉନ୍ମୁକ୍ତ ରହିଛି ।

## ନିର୍ମଳା-ଗ୍ରୋଥ୍ ସମିଟ୍

ସ୍ଥିର ଅର୍ଥନୀତି, ନିରନ୍ତର ବିକାଶ ଏବଂ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ଦୃଢ଼ ବହୁପକ୍ଷିୟ ସହଯୋଗ ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଗତକାଲି

ଆଭାସୀ ମାଧ୍ୟମରେ ଆୟୋଜିତ ବିଶ୍ୱ ଅଭିବୃଦ୍ଧି ସମ୍ମିଳନୀକୁ ସମ୍ବୋଧିତ କରି ଅର୍ଥମନ୍ତ୍ରୀ କହିଛନ୍ତି, ବୈଶ୍ୱିକ ସ୍ତରରେ ସ୍ପଷ୍ଟ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସମନ୍ୱିତ ପଦକ୍ଷେପ ଜରୁରୀ ।

ବୈଶ୍ୱିକ ସ୍ତରରେ ଥିବା ଅସନ୍ତୁଳନ ପ୍ରସଙ୍ଗରେ ଗୁରୁତ୍ୱ ପ୍ରଦାନ କରି ଅର୍ଥମନ୍ତ୍ରୀ କହିଛନ୍ତି, ଲୋକସଂଖ୍ୟା, ବିକାଶର ଧାରା, ସମ୍ବଳ ଏବଂ ଅର୍ଥନୈତିକ ଗଠନରେ ପାର୍ଥକ୍ୟକୁ ଏହା ପ୍ରତିଫଳିତ କରିଥାଏ । ଘରୋଇ ଆବଶ୍ୟକତାର ପରିମାଣ, ବିଭିନ୍ନ ଦେଶରେ ଅଲଗା ହୋଇଥାଏ ବୋଲି ଅର୍ଥମନ୍ତ୍ରୀ କହିବା ସହ ବ୍ୟାପକ ତଥା ନିରନ୍ତର ଅସନ୍ତୁଳନ ଉପରେ ଧ୍ୟାନ କେନ୍ଦ୍ରିଭୂତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି । ଭାରତର ଅର୍ଥନୈତିକ ପ୍ରଗତି ଉପରେ ଆଲୋକପାତ କରି ଅର୍ଥମନ୍ତ୍ରୀ କହିଛନ୍ତି, ଦେଶର ଅଭିବୃଦ୍ଧି ମୁଖ୍ୟତଃ ଘରୋଇ ଚାହିଦା ଆଧାରରେ ପରିଚାଳିତ ହୋଇଥାଏ । ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶିଳ ପ୍ରମୁଖ ଅର୍ଥନୈତିକ ରାଷ୍ଟ୍ର ମଧ୍ୟରେ ସ୍ଥାନିତ ହୋଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଗୋୟଲ-ୟୁଏସ୍ ମିଟିଂ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଏବଂ ଆମେରିକା ଦ୍ୱିପାକ୍ଷିକ ସୁଦୃଢ଼ ଏବଂ ବ୍ୟାପକ ଆର୍ଥିକ ସହଭାଗିତାକୁ ସମର୍ଥନ ପ୍ରଦାନ କରୁଛନ୍ତି । ନୂଆଦିଲ୍ଲୀରେ ଗତକାଲି ଶ୍ରୀ ଗୋୟଲ

ଆମେରିକାର ବାଣିଜ୍ୟ ପ୍ରତିନିଧି ଜାମିସନ୍ ଗ୍ରିୟର୍ ଏବଂ ରାଷ୍ଟ୍ରଦୂତ ସର୍ଗିଓ ଗୋର୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ଗତ ଫେବୃୟାରୀ ମାସ ୭ ତାରିଖରେ ଦୁଇ ଦେଶର ମିଳିତ ବିବୃତ୍ତି ଆଧାରରେ ଏକ ସନ୍ତୁଳିତ ଏବଂ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତିନାମା ପ୍ରସ୍ତୁତି ନେଇ ଇତିମଧ୍ୟରେ ଫଳପ୍ରଦ ଆଲୋଚନା ହୋଇଛି । ଦ୍ୱିପାକ୍ଷିକ ଆର୍ଥିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ଅଭିବୃଦ୍ଧି ଓ ନବସୃଜନ କ୍ଷେତ୍ର ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଭାରତ ଯୁକ୍ତିରାଷ୍ଟ୍ର ଆମେରିକା ସହିତ ସମନ୍ୱିତ ଗଠନ ମୂଳକ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି ।

## ଗଭ୍-ଇଥାନଲ ପ୍ରୋଗ୍ରାମ୍

ଇଥାନଲ ମିଶ୍ରଣ ପଦକ୍ଷେପ ସମ୍ପୂର୍ଣ୍ଣ ବୈଜ୍ଞାନିକ ପ୍ରମାଣ ଆଧାରିତ ଏବଂ ଏଥିପାଇଁ ନିରନ୍ତର ତଦାରଖ କରାଯାଉଛି ବୋଲି ସରକାର ସ୍ପଷ୍ଟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କିତ କେତେକ ଭ୍ରମାତ୍ମକ ତଥା ତଥ୍ୟ ବିହିନ ପ୍ରଚାରକୁ ସରକାର ଖଣ୍ଡନ କରିଛନ୍ତି । ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଇଛି । ତୈଳ ବିପଣନ କମ୍ପାନୀ, ଅଟୋ ମୋବାଇଲ୍ ନିର୍ମାତା, ଇନ୍ଧନ ପରୀକ୍ଷଣ ସଂସ୍ଥା ଏବଂ ଅନ୍ୟାନ୍ୟ ଅଂଶିଦାରଙ୍କ ସହ ବିସ୍ତୃତ ଆଲୋଚନା ପରେ ଇଥାନଲ ମିଶ୍ରଣ

କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଇଛି ବୋଲି ସରକାର କହିଛନ୍ତି । **E-20** ପେଟ୍ରୋଲ ବ୍ୟବହାର ପରଠାରୁ ଇଞ୍ଜିନ୍‌ର ବିଫଳତା କିମ୍ବା ଯାନବାହନ କ୍ଷତିଗ୍ରସ୍ତ ହେବାର କୌଣସି ରିପୋର୍ଟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ବୋଲି ସରକାର କହିଛନ୍ତି ।

## ଏଫ୍‌ଆଇଏଚ୍

ଏଫ୍.ଆଇ.ଏଚ୍. ପୁରୁଷବର୍ଗ ହକି ପ୍ରତିଯୋଗିତାର ଗତକାଲିର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ଲଣ୍ଡନଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୪-୩ ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରିଛି । ଏହି ବିଜୟ ସହ ୨୦୧୪ ମସିହା ପରଠାରୁ ଭାରତ' ପାକିସ୍ତାନ ବିପକ୍ଷରେ ଅପରାଜିତ ରେକର୍ଡ଼ ଜାରି ରଖିଛି । ଆସନ୍ତାକାଲି ଭାରତ' ଇଂଲଣ୍ଡକୁ ଭେଟିବ ।

## ଫିଫା

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଗତକାଲିର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ପର୍ତ୍ତୁଗାଲ ବିଜୟୀ ହୋଇଛି । ଆମେରିକାର ହୋଷ୍ଟନ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୫-୦

ଗୋଲ୍‌ରେ ପର୍ତ୍ତୁଗାଲ ପରାସ୍ତ କରିଛି । ଅନ୍ୟ ମ୍ୟାଚ୍ ଗୁଡ଼ିକ ମଧ୍ୟରେ ଇଂଲଣ୍ଡ ଓ ଘାନା ମଧ୍ୟରେ ବୋଷ୍ଟନ୍‌ଠାରେ ଖେଳାଯାଇଥିବା ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଛି । କାନାଡ଼ାର ଟରୋଣ୍ଟୋ ଷ୍ଟାଡିୟମ୍‌ଠାରେ କ୍ରୋଏସିଆ ଓ ପାନାମା ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଆଜି କଲମ୍ବିଆ ଏବଂ କଙ୍ଗୋ ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ।

# ଆଇଏମ୍‌ଡି

ମହାରାଷ୍ଟ୍ର, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳକୁ ଆସନ୍ତା ଦୁଇ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଆଜି ଓଡ଼ିଶା ସମେତ ଆସାମ, ମେଘାଳୟ, ଆଭ୍ୟନ୍ତରୀଣ କର୍ଣ୍ଣାଟକ, ମଧ୍ୟ ମହାରାଷ୍ଟ୍ର, ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ, ସିକ୍କିମ୍ ଓ ତେଲଙ୍ଗାନାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଆସନ୍ତା ୩ ଦିନ ମଧ୍ୟରେ କର୍ଣ୍ଣାଟକ ଉପକୂଳ, କୋଙ୍କଣ ଏବଂ ଗୋଆରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି ।